# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 7 November - 2024

### News Editor : S.N. Pattanaik

************************************

## ମୁଖ୍ୟ ସମ୍ବାଦ

- ଆତଙ୍କବାଦ ମୁକାବିଲା ପାଇଁ କେନ୍ଦ୍ର ସରକାର ପ୍ରଣୟନ କରିବେ ଜାତୀୟ ଆତଙ୍କବାଦ ନିରୋଧ ଆଇନ : କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ମହିଳାମାନଙ୍କୁ ଉପଯୁକ୍ତ ନ୍ୟାୟ ଦେବାପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ନ୍ୟାୟାଳୟ ପ୍ରତିଷ୍ଠା କରିବେ ।
- ସମ୍ବଲପୁରକୁ ଏକ ଅତ୍ୟାଧୁନିକ ସହରରେ ପରିଣତ କରିବା ପାଇଁ ସରକାର ଚେଷ୍ଟା କରୁଛନ୍ତି : କହିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।
- ଜାନୁୟାରୀ ମାସରୁ ହିତାଧିକାରୀମାନଙ୍କୁ ଚାଉଳ ସହିତ ଗହମ ଦିଆଯିବ ।

ଏବଂ

- କ୍ୟାନ୍‌ସର ରୋଗୀଙ୍କୁ ଚିକିତ୍ସା କ୍ଷେତ୍ରରେ ଅବହେଳା ନ କରିବାର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ଜାତୀୟ କ୍ୟାନ୍‌ସର ସଚେତନତା ଦିବସ ।

*NSD*

## ଶାହା-କନ୍‌ଫରେନ୍ସ

ଆତଙ୍କବାଦ ମୁକାବିଲା ପାଇଁ କେନ୍ଦ୍ର ସରକାର ଖୁବ୍‌ଶୀଘ୍ର ଜାତୀୟ ଆତଙ୍କବାଦ ନିରୋଧ ଆଇନ ଓ ରଣନୀତି କୌଶଳ ପ୍ରଣୟନ କରିବେ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି। ନୂଆଦିଲ୍ଲୀରେ ଜାତୀୟ ତଦନ୍ତକାରୀ ସଂସ୍ଥା-ଏନ୍‌ଆଇଏ ପକ୍ଷରୁ ଆୟୋଜିତ ୨ ଦିନିଆ ଆତଙ୍କବାଦ ନିରୋଧୀ ସମ୍ମିଳନୀରେ ଯୋଗଦେଇ ଶ୍ରୀ ଶାହା କହିଛନ୍ତି ୨୦୦୬ରୁ ୨୦୨୧ ମସିହା ମଧ୍ୟରେ ଦେଶରେ ଆତଙ୍କବାଦୀ ଘଟଣା ୭୦ ପ୍ରତିଶତ ହ୍ରାସ ପାଇଛି। ଶ୍ରୀ ଶାହା କହିଛନ୍ତି ଗତ ୧୦ ବର୍ଷ ମଧ୍ୟରେ ଭାରତ ସରକାର ଏକ ଦୃଢ଼ ରଣନୀତି ଅବଲମ୍ବନ କରି ଆତଙ୍କବାଦ ବିରୁଦ୍ଧରେ ଲଢ଼େଇ କରିବା ଲାଗି ସଂକଳ୍ପ ନେଇଛନ୍ତି।

*HS*

## ମୁଖ୍ୟମନ୍ତ୍ରୀ - ମହିଳା ବିରୋଧି ମାମଲା

ରାଜ୍ୟ ସରକାର ମହିଳାଙ୍କ ବିରୋଧରେ ହେଉଥିବା ମାମଲାକୁ ଗୁରୁତ୍ୱର ସହ ବିଚାର କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ନ୍ୟାୟସଂହିତା ଜାଗୃତିକରଣ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ମହିଳା

ବିରୋଧି ମାମଲାଗୁଡ଼ିକର ତ୍ୱରିତ ସମାଧାନ ପାଇଁ ଆବଶ୍ୟକ ପଡ଼ିଲେ ସ୍ୱତନ୍ତ୍ର ନ୍ୟାୟାଳୟ ପ୍ରତିଷ୍ଠା କରାଯିବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ପୁରୁଣା ଏବଂ ବ୍ୟବହାର ହେଉନଥିବା ଆଇନଗୁଡ଼ିକୁ ଚିହ୍ନଟ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି।

***HS***

## ଗ୍ରାମ୍ୟ ନ୍ୟାୟାଳୟ ପ୍ରତିଷ୍ଠା

ଗ୍ରାମାଞ୍ଚଳରେ ଲୋକମାନଙ୍କର ସମାଧାନର ତ୍ୱରିତ ନ୍ୟାୟ ଦେବାପାଇଁ ରାଜ୍ୟର ସବୁ ବ୍ଲକ୍‌ରେ ଗ୍ରାମ୍ୟ ନ୍ୟାୟାଳୟ ପ୍ରତିଷ୍ଠା କରାଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୬ଟି ଗ୍ରାମ୍ୟ ନ୍ୟାୟାଳୟ ସ୍ଥାପନ ପାଇଁ ରାଜ୍ୟ ସରକାର ଅନୁମତି ଦେଇଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ବ୍ଲକ୍‌ସ୍ତରରେ ଗ୍ରାମ୍ୟ ନ୍ୟାୟାଳୟ ଖୋଲାଯିବ।

***Sambalpur***

## କେନ୍ଦ୍ରମନ୍ତ୍ରୀଙ୍କ ସମ୍ବଲପୁର ଗସ୍ତ

ରାଜ୍ୟ ସରକାର ସମ୍ବଲପୁରକୁ ଏକ ଅଗ୍ରଣୀ ସହର ଭାବେ ଗଢ଼ିତୋଳିବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସମ୍ବଲପୁର ଜିଲ୍ଲା ଗସ୍ତରେ ଆସି ମନ୍ତ୍ରୀ ଶ୍ରୀ ପ୍ରଧାନ ମା’ ସମଲେଶ୍ୱରୀଙ୍କୁ ଦର୍ଶନ କରିବା ପରେ ଗଣମାଧ୍ୟମକୁ ସୂଚନା ଦେଇ

କହିଛନ୍ତି ଐତିହ୍ୟସମ୍ପନ୍ନ ସମ୍ବଲପୁର ସହରକୁ ଏକ ଅତ୍ୟାଧୁନିକ ସହର ଭାବେ ଗଢ଼ିତୋଳିବା ପାଇଁ ତାଙ୍କ ସରକାରଙ୍କ ପ୍ରୟାସ ଜାରି ରହିଛି ।

**- V/O -**

ଜିଲ୍ଲାର ଜୁଜୁମରା ବ୍ଲକର ପଡିଆବାହାଲଠାରେ ଏକ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ମନ୍ତ୍ରୀ ଶ୍ରୀ ପ୍ରଧାନ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ପଡ଼ିଆବାହାଲ ଏବଂ ତା'ର ଆଖପାଖ ଗ୍ରାମଗୁଡ଼ିକର ଲୋକଙ୍କୁ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବାରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସ୍ଥାପନା କରାଯାଇଛି । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାୟକ ଉପସ୍ଥିତ ଥିଲେ ।

***HS***

## ନୂଆବର୍ଷରୁ ଚାଉଳ ସହିତ ଗହମ

ରାଜ୍ୟ ସରକାର ଖାଦ୍ୟସୁରକ୍ଷା ଯୋଜନା ଅଧିନରେ ହିତାଧିକାରୀମାନଙ୍କୁ ଆସନ୍ତା ଜାନୁୟାରୀ ମାସରୁ ଚାଉଳ ସହିତ ଗହମ ଦେବା ପାଇଁ ବ୍ୟବସ୍ଥା କରୁଛନ୍ତି ବୋଲି ଖାଦ୍ୟଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଜିଲ୍ଲାସ୍ତରରେ ଗହମର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳମାନଙ୍କୁ ତଥ୍ୟ ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଛି । ହିତାଧିକାରୀମାନଙ୍କର ଇ-କେୱାଇସି କାର୍ଯ୍ୟ ଶେଷ ହେବାପାଇଁ ଆଉ ୧୫

ଦିନ ସମୟ ଆବଶ୍ୟକତା ରହିଛି। ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ବର୍ତ୍ତମାନ ସରକାରୀ ସ୍ତରରେ ୧୬ ଲକ୍ଷରୁ ଅଧିକ ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି।

**- V/O –**

***Desk***

## ନୂଆବର୍ଷ ପୂର୍ବରୁ ତୀର୍ଥକ୍ଷେତ୍ର ଯାତ୍ରା

ତୀର୍ଥଯାତ୍ରୀମାନେ ନୂଆବର୍ଷ ପୂର୍ବରୁ ସୁଲଭ ମୂଲ୍ୟରେ ରାଜ୍ୟ ବାହାରର ବିଭିନ୍ନ ତୀର୍ଥକ୍ଷେତ୍ରକୁ ଯାତ୍ରା କରିବା ପାଇଁ ସରକାରୀ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ପୁରୀରୁ ଅଯୋଧ୍ୟା, ତିରୁପତି, ମଥୁରା, ବୃନ୍ଦାବନ ଭଳି ତୀର୍ଥକ୍ଷେତ୍ରଗୁଡ଼ିକୁ ବସ୍ ସେବା ଆରମ୍ଭ ହେବ ବୋଲି ପରିବହନ ମନ୍ତ୍ରୀ ବିଭୁତି ଜେନା ସୂଚନା ଦେଇଛନ୍ତି। ଏହି ଯାତ୍ରାକୁ ସହଜ ଏବଂ ଆରାମଦାୟକ କରିବା ପାଇଁ ସରକାର ସ୍ୱତନ୍ତ୍ର ଓ ଉଚ୍ଚମାନର ବସ୍‌ର ବ୍ୟବସ୍ଥା କରୁଛନ୍ତି। ନୂଆବର୍ଷ ପୂର୍ବରୁ ବସ୍ ଚଳାଚଳ ପାଇଁ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି।

***Khordha***

## ନିଯୁକ୍ତି ଅଦାଲତ ପରିଚାଳନା

ଖୋର୍ଦ୍ଧାରୋଡ ମଣ୍ଡଳ ପକ୍ଷରୁ ୨୦୨୦ରୁ ସ୍ଥଗିତ ରହିଥିବା ଅନୁକମ୍ପା ନିଯୁକ୍ତି ମାମଲା ପାଇଁ ନିଯୁକ୍ତି ଅଦାଲତ ଆସନ୍ତା ୧୮ ତାରିଖରେ ଅନୁଷ୍ଠିତ

ହେବ। ଅନୁକମ୍ପା ନିଯୁକ୍ତି ମାମଲା ପାଇଁ ଆବେଦନପତ୍ର ୧୧ ତାରିଖ ସୁଦ୍ଧା ପୂର୍ବତଟ ରେଳବାଇର ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀଙ୍କ ନିକଟକୁ ପଠାଇବାକୁ କୁହାଯାଇଛି। ଆବେଦନକାରୀମାନେ ସମସ୍ତ ମୂଳ କାଗଜପତ୍ର ସହ ୧୮ ତାରିଖ ଦିନ ଅଦାଲତରେ ଉପସ୍ଥିତ ରହିବେ। ଉଭୟ ମୁଖ୍ୟାଳୟ ଓ ମଣ୍ଡଳ ସ୍ତରରେ ପୂର୍ବରୁ ସ୍ଥିର ହୋଇଥିବା ମାମଲାଗୁଡ଼ିକୁ ଗ୍ରହଣ କରାଯିବ ନାହିଁ। କେବଳ ମଣ୍ଡଳ ସ୍ତରରେ ବିଚାରାଧିନ ଅନୁକମ୍ପା ନିଯୁକ୍ତି ମାମଲା ପାଇଁ ଅଦାଲତ ଅନୁଷ୍ଠିତ ହେବ ବୋଲି ଖୋର୍ଦ୍ଧା ରେଳମଣ୍ଡଳ ପକ୍ଷରୁ କୁହାଯାଇଛି।

***Rayagada***

## ରାୟଗଡା ସମୀକ୍ଷା ବୈଠକ

ରାୟଗଡା ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଧାନମନ୍ତ୍ରୀ ଜନମନ ପରିଯୋଜନାର ଅଗ୍ରଗତି ଏବଂ ଧରତୀ ଆବା-ଜନଜାତୀୟ ଗ୍ରାମ୍ୟ ଉତ୍କର୍ଷ ଅଭିଯାନ ନେଇ ଏକ ସମୀକ୍ଷା କରାଯାଇଛି। ଧରତୀ ଆବା-ଜନଜାତୀୟ ଗ୍ରାମ୍ୟ ଉତ୍କର୍ଷ ଅଭିଯାନ କାର୍ଯ୍ୟକ୍ରମ, ଭଗବାନ୍ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ଆସନ୍ତା ୧୫ ତାରିଖରେ ଶୁଭାରମ୍ଭ ହେବ। ଜିଲ୍ଲାର ସମସ୍ତ ୧୧ଟି ବ୍ଲକ୍‌ରେ ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି।

***Kalahandi***

## ପ୍ରତିବାଦ

କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ଜଙ୍ଗଲ କାର୍ଯ୍ୟାଳୟ ସମ୍ବନ୍ଧରେ ଜଙ୍ଗଲ ସୁରକ୍ଷା କମିଟି ପକ୍ଷରୁ ଶତାଧିକ କର୍ମକର୍ତ୍ତା ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ଜଙ୍ଗଲ ସୁରକ୍ଷା ନିମନ୍ତେ ଶତାଧିକ କର୍ମକର୍ତ୍ତା ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଇତିମଧ୍ୟରେ ଆମପାଣି ପୋଲିସ୍ ଆନ୍ଦୋଳନରତ କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଥିବା ଜଣାପଡ଼ିଛି।

***Desk***

## ଜାତୀୟ କ୍ୟାନ୍‌ସର ସଚେତନତା ଦିବସ ପାଳନ

କ୍ୟାନ୍‌ସର ରୋଗ ବିଷୟରେ ଲୋକଙ୍କୁ ସଚେତନ କରାଇବା ନେଇ ଆଜି ପାଳନ କରାଯାଉଛି ଜାତୀୟ କ୍ୟାନ୍‌ସର ସଚେତନତା ଦିବସ। ଚଳିତ ବର୍ଷର ଏହି ଦିବସର ବାର୍ତ୍ତା ରହିଛି କ୍ଲୋଜ୍ ଦି କେୟାର ଗ୍ୟାପ୍ ବା ଯତ୍ନ ନେବାରେ ବ୍ୟବଧାନ ବନ୍ଦ କରିବା। ଜଣେ କ୍ୟାନ୍‌ସର ଆକ୍ରାନ୍ତ ବ୍ୟକ୍ତିଙ୍କୁ ଚିକିତ୍ସା କ୍ଷେତ୍ରରେ ଅବହେଳା କରାଯିବା କୌଣସି ପରିସ୍ଥିତିରେ ଠିକ୍ ନୁହେଁ। କ୍ୟାନ୍‌ସର ରୋଗର କାରଣ ଏବଂ ଚିକିତ୍ସା ପ୍ରଣାଳୀ ସହିତ ଏହି ରୋଗକୁ ପ୍ରାଥମିକ ସ୍ତରରେ ଚିହ୍ନଟ କରି ଚିକିତ୍ସା କରାଇପାରିଲେ କିପରି ରୋଗୀକୁ ଆରୋଗ୍ୟ ମିଳିଥାଏ ସେହି ସମ୍ବନ୍ଧରେ ସଚେତନ କରାଇବା ନେଇ ଆଜି ସ୍କୁଲ କଲେଜଠାରୁ ଆରମ୍ଭ କରି ସରକାରୀ ସ୍ତରରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମମାନ କରାଯାଉଛି। କେନ୍ଦ୍ର ସରକାର ୨୦୦୭ ମସିହାରୁ ଜାତୀୟ କ୍ୟାନ୍‌ସର

ସଚେତନତା ଦିବସ ପାଳନ କରୁଛନ୍ତି। ୨୦୨୨ ମସିହାରେ ଦେଶରେ ୧୪ ଲକ୍ଷରୁ ଊର୍ଦ୍ଧ୍ୱ ନୂଆ କ୍ୟାନ୍‌ସର ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। ତା'ଭିତରୁ ୯ ଲକ୍ଷରୁ ଊର୍ଦ୍ଧ୍ୱ କ୍ୟାନ୍‌ସର ରୋଗୀଙ୍କ ମୃତ୍ୟୁ ହୋଇଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ତଥ୍ୟରୁ ଜଣାପଡ଼ିଛି। ସଂଗଠନର ଆକଳନ ଅନୁସାରେ ପୃଥିବୀରେ କ୍ୟାନ୍‌ସର ଯୋଗୁଁ ୨ କୋଟିରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଛନ୍ତି। କ୍ୟାନ୍‌ସର ରୋଗ ସମ୍ବନ୍ଧରେ ସଚେତନ କରାଇବା ଏବଂ କ୍ୟାନ୍‌ସର ରୋଗୀଙ୍କର ସମ୍ପୂର୍ଣ୍ଣ ଯତ୍ନନେବା ବର୍ତ୍ତମାନର ଆବଶ୍ୟକତା ରହିଛି।